## କୁଶପଙ୍ଗି ପଞ୍ଚାୟତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀ ବ୍ଲକ ଅନ୍ତର୍ଗତ କୁଶପଙ୍ଗି ପଞ୍ଚାୟତରେ ସୋମବାର ୨୦ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏନେଇ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ନିର୍ଦ୍ଦେଶରେ ପଞ୍ଚାୟତର ୧୨ନମ୍ବର ୱାର୍ଡରୁ ୧୯ନମ୍ବର ୱାର୍ଡ ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି।

### ସଂକ୍ଷେପରେ

## ସାହିତ୍ୟାୟନର 'ବର୍ଷାବରଣ'

ଭୁବନେଶ୍ୱର,୨୮।୬(ବ୍ୟୁରୋ): ସାହିତ୍ୟାୟନ ପକ୍ଷରୁ ବର୍ଷାବରଣ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଆମ ପରମ୍ପରାରେ ବାଟ ବରଣ, ବରଣମାଳା ଭଳି ପ୍ରଥା ପ୍ରଚଳିତ। ତେଣୁ ବର୍ଷାଋତୁକୁ ସ୍ୱାଗତ ଉଦ୍ଦେଶ୍ୟରେ ବର୍ଷାବରଣ କବିତା ଆସର କରିବା ସ୍ୱାଗତଯୋଗ୍ୟ। କବି ସର୍ବଦା ବର୍ଷା ଓ ବସନ୍ତ ବରଣରେ ବିଭୋର ହୋଇଛି ବୋଲି ସେ କହିଛନ୍ତି। ଜୟକୃଷ୍ଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆସରରେ ପ୍ରାଧ୍ୟାପକ ଡ. ଜ୍ୟୋତିନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟାନ୍ୟ ଅତିଥି ଭାବେ ବୈଷ୍ଣବଚରଣ ମହାନ୍ତି, ଗଣେଶ ପ୍ରସାଦ ଦାସ, ଡ. ସଂଘମିତ୍ରା ଭଞ୍ଜ, ଡ. ବିଜୟଲକ୍ଷ୍ମୀ ମହାନ୍ତି, ଡ. ଦେବାଶିଷ ମହାପାତ୍ର, ଡ. ଜ୍ୟୋତ୍ସ୍ନାମୟୀ ମହାନ୍ତି ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ବର୍ଷା କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୟ ମହାନ୍ତି ସଂଯୋଜନା କରିଥିଲେ।

## ଅସହାୟଙ୍କୁ ରାଶନ ସାମଗ୍ରୀ ବଣ୍ଟନ

ଫୁଲନଖରା,୨୮।୬(ଡି.ଏନ.ଏ.): କଟକ ସଦର ବ୍ଲକ ଅଧୀନ ଆମନ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଶନ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ଏହି ପଞ୍ଚାୟତର ଅଢାଳିଆ, ବାଗଧରାପୁର ଓ ଶାସୋଳ ସାମଲ ସାହିର ଗରିବ, ଅସହାୟ ଓ ବିପିଏଲ୍ ପରିବାରକୁ ସରପଞ୍ଚ ପୁନାନନ୍ଦ ଭୋଇଙ୍କ ନେତୃତ୍ୱରେ ଅକ୍ଷୟପାତ୍ର ଫାଉଣ୍ଡେଶନ ପକ୍ଷରୁ ରାଶନ ସାମଗ୍ରୀ ବଣ୍ଟନ ଯାଇଥିଲା। ସମିତି ସଭ୍ୟା ସୁବାସିନୀ ସେଠୀ, ପଞ୍ଚାୟତ ସଭାପତି ବିପ୍ରଚରଣ ଭୋଳ, ନୟନା ସାହୁ, ନିରଞ୍ଜନ ବେହେରା, ବନମାଳୀ ଭୋଇ, ସୁଶାନ୍ତ ସାମନ୍ତରାୟ, ରବୀନ୍ଦ୍ର ଭୋଇ ପ୍ରମୁଖ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।

## ମୁଟ୍ କୋର୍ଟ ଉଦ୍‌ଯାପିତ

କଟକ ଅଫିସ, ୨୮।୬: ନ୍ୟାଶନାଲ ଲ ୟୁନିଭର୍ସିଟିର ପବ୍ଲିକ୍ ହେଲଥ୍ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ପକ୍ଷରୁ ୪ ଦିନ ଧରି ୱେବିନାର ମାଧ୍ୟମରେ ଚାଲୁଥିବା ଅଭ୍ୟାସ ବିଚାର ପ୍ରତିଯୋଗିତା (ମୁଟ୍ କୋର୍ଟ) ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୟୁନାଇଟେଡ୍ ଷ୍ଟେଟ୍ସର ହାଉସ ଅଫ୍ ରିପ୍ରେଜେଣ୍ଟେଟିଭ୍ସର ଆଟୋନି ୱାରେନ ବୃକ୍, ସୁପ୍ରିମକୋର୍ଟ ଆଇନଜୀବୀ ଆନନ୍ଦ ଗ୍ରୋଭର, ଭାରତର ଭାଇରୋଲୋଜିଷ୍ଟ ଡ. ଗଗନଦୀପ କାଙ୍ଗ, ମୁରଲୀ ନୀଳକଣ୍ଠ, ସମୀର ସାହା ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ଟିକାକରଣ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମୁମ୍ବାଇର ସରକାରୀ ଆଇନ ବିଶ୍ୱବିଦ୍ୟାଳୟ ଓ ନାଲସାର ହାଇଦ୍ରାବାଦ ମଧ୍ୟରେ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁମ୍ବାଇର ସରକାରୀ ଆଇନ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଥିବାବେଳେ ନାଲସାର ହାଇଦ୍ରାବାଦ ରନର୍ସ ଅପ୍ ହୋଇଥିଲା। ଫାଇନାଲ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବିଚାରପତି ସଞ୍ଜୀବ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ପବ୍ଲିକ୍ ହେଲଥ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ସଭାପତି ଡ. କେ. ଶ୍ରୀନାଥ ରେଡ୍ଡୀ ଯୋଗଦେଇଥିଲେ। ଏଥିସହ ନ୍ୟାଶନାଲ ଲ ୟୁନିଭର୍ସିଟିର ଭାଇସ୍ ଚ୍ୟାନ୍‌ସେଲର ପ୍ରଫେସର ବେଦ କୁମାରୀ ଓ ରେଜିଷ୍ଟ୍ରାର ଯୋଗେଶ ପ୍ରତାପ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ମୂଲ୍ୟାୟନ ତ୍ରୁଟି ସଂଶୋଧନ ହେଉ

ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫଳାଫଳକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ଅସନ୍ତୋଷ ପ୍ରକାଶ ପାଇଛି। ମୂଲ୍ୟାୟନରେ ତ୍ରୁଟି ଥିବା ଦର୍ଶାଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ସୋମବାର ଆନ୍ଦୋଳନ ସହ ରାସ୍ତାରୋକୋ କରିଥିବା ଦେଖିବାକୁ ମିଳିଛି। ତ୍ରୁଟି ସଂଶୋଧନ କରାଯାଇ ପରେ ଉଚିତ ମାର୍କ ପ୍ରଦାନ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଅପରପକ୍ଷରେ ବୋର୍ଡ କର୍ତ୍ତୃପକ୍ଷ କିନ୍ତୁ ମୂଲ୍ୟାୟନରେ କୌଣସି ତ୍ରୁଟି ହୋଇ ନ ଥିବା କହିଛନ୍ତି। ଏ ସମ୍ପର୍କରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ମିଳିଥିବା ପ୍ରତିକ୍ରିୟା...

### ଦୋଷ ଲୁଚାଇବା ପାଇଁ ଚେଷ୍ଟା



"୪ବର୍ଷର ପରଫରମାନ୍ସ ଦେଖି ନମ୍ବର ଦିଆଯାଇଥିବା ସମ୍ପର୍କରେ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ତେବେ କଥା ପରିବର୍ତ୍ତନ କରି ବୋର୍ଡ ନିଜ ଦୋଷ ଲୁଚାଇବା ପାଇଁ ଚେଷ୍ଟା କରୁଛି। ହେଲେ ମୂଲ୍ୟାୟନ ପଦ୍ଧତିରେ ତ୍ରୁଟି ପାଇଁ ମୋ' ଭବିଷ୍ୟତ ଖରାପ ହୋଇଯିବ।

–ଅମ୍ରିତା ସାହୁ, ଛାତ୍ରୀ

### କେଉଁ ଆଧାରରେ ମାର୍କ ଦିଆଯାଇଛି



"ଆମ ସ୍କୁଲ ପକ୍ଷରୁ ମୋତେ ୯୦ ପ୍ରତିଶତରୁ ଅଧିକ ମାର୍କ ଦିଆଯାଇଛି। କିନ୍ତୁ ବୋର୍ଡ ପକ୍ଷରୁ ଦିଆଯାଇଥିବା ମାର୍କରେ ମୋର ମାତ୍ର ୬୬ ପ୍ରତିଶତ ରହିଛି। ତେବେ ଏହା କେଉଁ ଆଧାରରେ ମୋତେ ମାର୍କ ଦିଆଯାଇଛି, ମୁଁ ଜାଣିପାରୁ ନାହିଁ।

–ସୁଦେଷ୍ଣା ସାହୁ, ଛାତ୍ରୀ

### ଅଭିଯୋଗ ଶୁଣିବା ପାଇଁ କେହି ନାହାନ୍ତି

"ବୋର୍ଡ ପକ୍ଷରୁ ଦିଆଯାଇଥିବା ମାର୍କରେ ଆମେ ସମ୍ପୂର୍ଣ୍ଣ ଅସନ୍ତୁଷ୍ଟ। ମୋ ଭଉଣୀ ମେଧାବୀ ଛାତ୍ରୀ। ପ୍ରତିବର୍ଷ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଥାଏ। କିନ୍ତୁ ଚଳିତବର୍ଷ ମାଟ୍ରିକ ପରୀକ୍ଷା ମାର୍କ କମ୍ ରହିଛି। ତେବେ ଆମ ଅଭିଯୋଗ ଶୁଣିବା ପାଇଁ କେହି ରାଜି ନାହାନ୍ତି।



–ଅର୍ଚ୍ଚନା ସାହୁ, ଅଭିଭାବକ

### ଆମ ସ୍କୁଲର କୌଣସି ତ୍ରୁଟି ନାହିଁ



"ମେଣ୍ଟର ସ୍କୁଲ ପକ୍ଷରୁ ଯେଉଁ ମାର୍କ ଦାଖଲ କରାଯାଇଥିଲା, ବୋର୍ଡ ପକ୍ଷରୁ ସେହି ମାର୍କ ଦିଆଯାଇନାହିଁ। ଯେଉଁ ପିଲାକୁ ଗୋଟିଏ ବିଷୟରେ ଆମେ ୮୦ ମାର୍କ ଦେଇଥିଲୁ ପ୍ରକାଶ ପାଇଥିବା ଫଳରେ ତାଙ୍କର ୭୩ ମାର୍କ ରହିଛି। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କିନ୍ତୁ ଆମ ସ୍କୁଲ ପକ୍ଷରୁ କୌଣସି ତ୍ରୁଟି ହୋଇନାହିଁ।

–ଶିବସୂର୍ଯ୍ୟ ପତି, ଶିକ୍ଷକ



ମାଟ୍ରିକ ପରୀକ୍ଷା ଫଳକୁ ନେଇ ଅସନ୍ତୁଷ୍ଟ ଥିବା ଭୁବନେଶ୍ୱର ବ୍ରହ୍ମେଶ୍ୱର ହାଇସ୍କୁଲର ଛାତ୍ରୀଛାତ୍ର ଓ ଅଭିଭାବକମାନେ ସୋମବାର ବ୍ରହ୍ମେଶ୍ୱରପାଟଣା ଛକରେ ରାସ୍ତାରୋକୋ କରିବାବେଳେ ପୋଲିସ ସେମାନଙ୍କୁ ବୁଝାଶୁଝା କରୁଛି।

## ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

ସାଲେପୁର, ୨୮।୬(ଡି.ଏନ୍.ଏ.)

ମାଟ୍ରିକ ପରୀକ୍ଷାଫଳ ମୂଲ୍ୟାୟନ ତ୍ରୁଟିପୂର୍ଣ୍ଣ ହୋଇଥିବା ଅଭିଯୋଗ କରି ସାଲେପୁର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ର ଓ ଅଭିଭାବକ ସୋମବାର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ନିୟମ ଅନୁଯାୟୀ, ନବମ ଓ ଦଶମ ଶ୍ରେଣୀର ନମ୍ବର ଆଧାରରେ ସେମାନଙ୍କୁ ମାର୍କ ଦିଆଯାଇ ନାହିଁ ବୋଲି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଶିକ୍ଷାକେନ୍ଦ୍ରର ପରିଚାଳନା କମିଟି ସଭ୍ୟ ଓ ଅଧ୍ୟକ୍ଷାଙ୍କୁ ଅବଗତ କରାଇଥିଲେ। ୩ ଦିନ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେମାନେ ଧାରଣାରେ ବସିଥିବା କହିଛନ୍ତି। ଖବରପାଇ ବିଦ୍ୟାଳୟର ପରିଚାଳନା କମିଟି ସମ୍ପାଦକ, ଅଧ୍ୟକ୍ଷା ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ମାତ୍ର ସମାଧାନର ବାଟ ବାହାରି ନ ଥିଲା। ମଙ୍ଗଳବାର କଟକ– ଚାନ୍ଦବାଲି ରାସ୍ତାରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣାରେ ବସିବେ ବୋଲି ଥାନା ଅଧିକାରୀ ଓ ଏସ୍‌ଡିପିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## କାଠଯୋଡ଼ିରେ ବୁଡ଼ି ନାବାଳକ ନିଖୋଜ

କଟକ ଅଫିସ, ୨୮।୬

କାଠଯୋଡି ନଦୀରେ ବୁଡ଼ି ଜଣେ ନାବାଳକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ମର୍କତନଗର ଥାନା ଅନ୍ତର୍ଗତ କାଠଯୋଡି ବିହାର ବସ୍ତିରେ ରହୁଥିବା ବାୟା(୧୭)। ସୋମବାର ଅପରାହ୍ଣରେ ସେ ନଦୀରେ ଗାଧୋଇବାବେଳେ ଅସାବଧାନତାବଶତଃ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଆଖପାଖରେ ଥିବା କେତେଜଣ ମାଛ ଧରାଳୀ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ପାଇ ନ ଥିଲେ।

## ବିଡିଓଙ୍କ ବଦଳି ଦାବିରେ ଧାରଣା

ନିଆଳି,୨୮।୬(ଡି.ଏନ.ଏ.)

କୋଭିଡ୍ ପରିଚାଳନାରେ ଅବହେଳା ଓ ବିଭିନ୍ନ ଦୁର୍ନୀତିମୂଳକ କାର୍ଯ୍ୟରେ ନିଆଳି ବିଡିଓଙ୍କ ସମ୍ପୃକ୍ତି ଥିବା ସ୍ଥାନୀୟ ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ବିଡିଓ ଅଶୋକ କୁମାର ଲେଙ୍କାଙ୍କ ବଦଳି ଦାବିରେ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। କୋଭିଡ୍ ସମୟରେ ଉପୁଜୁଥିବା ବିଭିନ୍ନ ସମସ୍ୟାକୁ ବିଡିଓ ଠିକ୍ ଭାବେ ସମାଧାନ କରୁନାହାନ୍ତି। ଅଧିକାଂଶ ସମୟ ବିଡିଓ କାର୍ଯ୍ୟାଳୟରେ ଉପସ୍ଥିତ ରହୁନାହାନ୍ତି। ଫଳରେ ବିଭିନ୍ନ କାର୍ଯ୍ୟ ପାଇଁ ବିଡିଓଙ୍କ ପାଖକୁ ଆସୁଥିବା ଲୋକଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି। କେତେକ ଜନହିତକର କାର୍ଯ୍ୟରେ ଦୁର୍ନୀତି କରୁଥିବାବେଳେ ଗୋଟିଏ ରାସ୍ତାକୁ ୩ଟି ନାମକରଣ କରି ବିଡିଓ ଟଙ୍କା ତୋସରପାତ କରୁଥିବା ଅଭିଯୋଗ ହୋଇଛି। ଭାଜପା ରାଜ୍ୟକାରିଣୀ ସଦସ୍ୟ ଛବି ମଲ୍ଲିକଙ୍କ ନେତୃତ୍ୱରେ ନିଆଳି ମଣ୍ଡଳ ଉପସଭାପତି ତ୍ରିଲୋଚନ ବେହେରା, ରାଜ୍ୟ ସଂଖ୍ୟାଲଘୁ ସେଲ ସଦସ୍ୟ ସେକ୍ ହସନ, ପତିତପାବନ ବେହେରା, ବିଜୟା ନନ୍ଦିନୀ ଲେଙ୍କା, ରୀତା ଚୌଧୁରୀ, ଗଣେଶ୍ୱର ମିଶ୍ରଙ୍କ ସହ ଶତାଧିକ ଭାଜପା କର୍ମୀ ଧାରଣାରେ ବସିଛନ୍ତି। ବିଡିଓଙ୍କୁ ଏଠାରୁ ବଦଳି ନ କରାଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ କୌଣସି ଉଚ୍ଚ ପଦାଧିକାରୀ ପହଞ୍ଚି ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଡିଓ ଲେଙ୍କାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

## ଟିକା ନ ପାଇ ଫେରିଲେ ବରିଷ୍ଠ ନାଗରିକ

ନିଆଳି,୨୮।୬(ଡି.ଏନ.ଏ.)

ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବରିଷ୍ଠ ନାଗରିକମାନେ ସୋମବାର ଟିକା ନେବା ପାଇଁ ଦୀର୍ଘସମୟ ଅପେକ୍ଷା କରି ଶେଷରେ ଫେରିବାକୁ ପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବରିଷ୍ଠ ନାଗରିକମାନେ କୋଭିଡ୍ ଟିକା ପାଇଁ ରାତି ୪ଟାରୁ ମେଡିକାଲ କ୍ୟାମ୍ପସ୍‌ରେ ଧାଡିରେ ଛିଡା ହୋଇଥିଲେ। ସୋମବାର ସକାଳ ୭ଟା ସୁଦ୍ଧା ସେଠାରେ ୪ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଭିଡ ଲାଗିଥିବା ଦେଖିବାକୁ ମିଳିଥିଲା। ହେଲେ ସେଠାରେ ମାତ୍ର ୮ଶହ ଲୋକଙ୍କୁ ଟିକା ଦିଆଯାଇଥିଲା। ଟିକା ନ ଥିବାରୁ ବାଧ୍ୟ ହୋଇ ଲୋକମାନଙ୍କୁ ନିରାଶ ହୋଇ ଫେରିବାକୁ ପଡିଥିଲା। ଆଗାମୀ ଦିନରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧିକ ଟିକା ଯୋଗାଣ ଓ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ଟିକାକରଣ ପାଇଁ ଦୃଷ୍ଟି ଦେବାକୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ନିକଟରେ ଦାବି ହୋଇଛି।

### ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୁନୀ



@ ଶ୍ରୀକାନ୍ତ



@ ସ୍ୱାଧୀନ



@ ଦୀପୁ



@ ଭାଗ୍ୟଦତ୍ତ



@ କଂଗ୍ରେସ



@ ଅନାମିକା

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ସାଲେପୁର, ୨୮।୬ (ଡି.ଏନ୍.ଏ.)

ସାଲେପୁର ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ଜଣେ ଚାଷୀ ଶୁକ୍ରବାର ସାପ କାମୁଡ଼ାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିଲେ। ରବିବାର ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ନାରାୟଣ ସ୍ୱାଇଁଙ୍କ ପୁତ୍ର ଉମେଶ ଚନ୍ଦ୍ର ସ୍ୱାଇଁ(୫୨)। ସେ ଗତ ଶୁକ୍ରବାର ବିଲକୁ ଚାଷ କରିବାକୁ ଯାଇଥିବା ସମୟରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କଟକସ୍ଥିତ ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରିଥିଲେ।

## ଯୁକ୍ତ୨ ପାଠ୍ୟକ୍ରମ ପାଇଁ ସିଟ୍ ସଂଖ୍ୟା ବୃଦ୍ଧି ହେଉ

କଟକ ଅଫିସ, ୨୮।୬

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇବାରେ ଚଳିତବର୍ଷ ରାଜ୍ୟରେ ୫,୬୨,୦୧୦ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ମାତ୍ର ଯୁକ୍ତ ୨ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସେତିକି ସଂଖ୍ୟକ ସିଟ୍ ନାହିଁ। କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା, ଆଇଟିଆଇ, ଡିପ୍ଲୋମା ପାଠ୍ୟକ୍ରମରେ ରାଜ୍ୟରେ ମୋଟ୍ ୪ଲକ୍ଷ ୬୦ହଜାର ସିଟ୍ ରହିଛି। ଏହାଛଡା ସିବିଏସ୍‌ଇ ଓ ଆଇସିଏସ୍‌ଇ ଛାତ୍ରୀଛାତ୍ରମାନେ ମଧ୍ୟ ଯୁକ୍ତ ୨ପାଠ୍ୟକ୍ରମରେ ନାମ ଲେଖାଇବେ। ଏଣୁ ଯୁକ୍ତ ୨ ପାଠ୍ୟକ୍ରମରେ ତୁରନ୍ତ ଆବଶ୍ୟକ ସଂଖ୍ୟକ ସିଟ୍ ବୃଦ୍ଧି କରିବା ପାଇଁ ଏଆଇଡିଏସ୍‌ଓ ପକ୍ଷରୁ ଦାବି କରାଯାଉଛି ବୋଲି ସଙ୍ଗଠନର କଟକ ଜିଲା କମିଟି ସଭାପତି ଭାଗ୍ୟରବି ଦାସ ଓ ସମ୍ପାଦକ ବିନୋଦ ସେଠୀ ସୋମବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ସମସ୍ୟାର ସମାଧାନ ପାଇଁ ସରକାର ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଛାତ୍ରଆନ୍ଦୋଳନ କରାଯିବ ବୋଲି ଏଆଇଡିଏସ୍‌ଓ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଦରଦାମ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

### ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

କଟକ ଅଫିସ, ୨୮।୬





ସିପିଆଇ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ।

ଦରଦାମ ବୃଦ୍ଧି ପ୍ରତିବାଦରେ ସିପିଆଇ କଟକ ଜିଲା ଓ ନଗର କମିଟି ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାପରେ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ମାଧ୍ୟମରେ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, କରୋନା ମହାମାରୀ ଯୋଗୁ ଗରିବ ଓ ମଧ୍ୟବିତ୍ତଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଅନ୍ୟପକ୍ଷରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଖାଦ୍ୟର ଦର ଆକାଶଛୁଆଁ ହେବାଦ୍ୱାରା ସେମାନଙ୍କ ଜୀବନ ଅଧିକ ଦୁର୍ବିଷହ ହୋଇପଡ଼ିଛି। ଏଣୁ ଉକ୍ତ ସାମଗ୍ରୀର ଦରଦାମ ନିୟନ୍ତ୍ରଣ କରାଯିବା ସହ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦର ହ୍ରାସ କରାଯାଉ। ଏଥିସହ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ପ୍ରତି ପରିବାରକୁ ମାଗଣାରେ ସାମଗ୍ରୀ, ଆୟକର ପରିସର ବାହାରେ ଥିବା ପରିବାରକୁ ମାସିକ ୭୫୦୦ ଟଙ୍କା ଦେବା, ସତର୍କତାମୂଳକ ପଦକ୍ଷେପ ସହ ଶିକ୍ଷାନୁଷ୍ଠାନ ଖୋଲିବା, କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟୁଥିବା ବ୍ୟକ୍ତିଙ୍କ ପିଛା ୫ ଲକ୍ଷ ଟଙ୍କା ପ୍ରଦାନ ସହ ସେମାନଙ୍କ ପରିବାରରୁ ଜଣଙ୍କୁ ସରକାରୀ ଚାକିରି ଦେବାକୁ ଦାବିପତ୍ରରେ ଦର୍ଶାଯାଇଛି। ସିପିଆଇ କଟକ ଜିଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ନଗର ସମ୍ପାଦକ ବିନୋଦ ବେହେରା, ରାମଚନ୍ଦ୍ର ବେହେରା, କାଳୀ ମିଶ୍ର, ଉଦୟ କେଶରୀ ବର୍ମା ଓ ମିହିର ବିଶ୍ୱାଳ ପ୍ରମୁଖ ଉକ୍ତ ବିକ୍ଷୋଭରେ ସାମିଲ ହୋଇଥିଲେ।

## ୧ ମାସ ମଧ୍ୟରେ ତତ୍କାଳୀନ ଭିଏଲ୍‌ଡବ୍ଲ୍ୟୁଙ୍କୁ ବକେୟା ପ୍ରାପ୍ୟ ଦିଅ: ହାଇକୋର୍ଟ

କଟକ ଅଫିସ, ୨୮।୬

ଦୀର୍ଘବର୍ଷର ଆଇନଗତ ଲଢେଇ ପରେ ଜଣେ ଅବସରପ୍ରାପ୍ତ ଭିଏଲଡବ୍ଲ୍ୟୁ ନ୍ୟାୟ ପାଇଛନ୍ତି। ତତ୍କାଳୀନ ଭିଏଲଡବ୍ଲ୍ୟୁ କାଶୀନାଥ ରଥଙ୍କ ପେନସନ ଓ ଅବସରକାଳୀନ ବକେୟା ପ୍ରାପ୍ୟକୁ ୧ ମାସ ମଧ୍ୟରେ ପ୍ରଦାନ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବିଶ୍ୱନାଥ ରଥ ଏହି ମାମଲାର ଶୁଣାଣି କରିଛନ୍ତି।

କଟକରେ ଭିଏଲ୍‌ଡବ୍ଲ୍ୟୁ ଭାବେ କାଶୀନାଥ କାର୍ଯ୍ୟ କରିଥିବାବେଳେ ୧୯୯୨ରେ ଅବସର ଗ୍ରହଣ କରିଥିଲେ। କିନ୍ତୁ ତାଙ୍କୁ ସେତେବେଳେ ପେନ୍‌ସନ୍ ଓ ଅବସରକାଳୀନ ପ୍ରାପ୍ୟ ଦିଆଯାଇ ନ ଥିଲା। ଏହାକୁ ନେଇ ସେ ସ୍ୟାଟ୍(ଷ୍ଟେଟ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ)ରେ ମାମଲା ଦାଏର କରିଥିଲେ। ସ୍ୟାଟ୍ ଏହାର ଶୁଣାଣି କରି ପ୍ରାପ୍ୟ ପ୍ରଦାନ କରିବାକୁ କହିଥିଲେ। ଅନ୍ୟପଟେ ରାଜ୍ୟ ସରକାର ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ହାଇକୋର୍ଟ ସ୍ୟାଟ୍‌ଙ୍କ ନିର୍ଦ୍ଦେଶକୁ କାଏମ ରଖିଥିଲେ। ଫଳରେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ହେଲେ ସୁପ୍ରିମକୋର୍ଟରେ ଏହି ଆବେଦନ ଖାରଜ ହୋଇଯାଇଥିଲା। ଅର୍ଥାତ୍ ସ୍ୟାଟଙ୍କ ନିର୍ଦ୍ଦେଶ କାଏମ ରହିଲା ଓ ଆବେଦନକାରୀ କାଶୀନାଥଙ୍କୁ ତାଙ୍କ ପ୍ରାପ୍ୟ ମିଳିବା କଥା। କିନ୍ତୁ ତାହା ନ ହେବାରୁ ସେ ପୁଣି ୨୦୧୫ରେ ସ୍ୟାଟ୍‌ରେ ଆବେଦନ କରିଥିଲେ। କିନ୍ତୁ ସ୍ୟାଟ୍ ଉଚ୍ଛେଦ ହୋଇଯିବା ପରେ ମାମଲା ହାଇକୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ହାଇକୋର୍ଟ ଏହାର ଶୁଣାଣି କରି ୧ମାସ ମଧ୍ୟରେ ୬ ପ୍ରତିଶତ ସୁଧ ହାରରେ ଆବେଦନକାରୀଙ୍କୁ ତାଙ୍କ ସମସ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ କାଶୀନାଥଙ୍କୁ ୮୮ବର୍ଷ ହୋଇଯାଇଛି। ବୟସାଧିକ କାରଣରୁ ସେ ରାଜ୍ୟ ସରକାରଙ୍କ ନିକଟକୁ ଦୌଡି ପାରିବେ ନାହିଁ। ତେଣୁ ସରକାରୀ ଅଧିକାରୀ ତାଙ୍କ ଘରକୁ ଯାଇ ଦସ୍ତାବିଜ ପ୍ରସ୍ତୁତ କରିବେ। ତେବେ ୭ଦିନ ମଧ୍ୟରେ ତାଙ୍କୁ ୫ଲକ୍ଷ ଟଙ୍କା ମଧ୍ୟବର୍ତ୍ତିକାଳୀନ ପ୍ରାପ୍ୟ ପ୍ରଦାନ କରିବାକୁ ହାଇକୋର୍ଟ ଶୁଣାଣିବେଳେ ନିର୍ଦ୍ଦେଶ ଦେଇଛନ୍ତି।

## ୫୨ୟୁନିଟ ରକ୍ତ ସଂଗ୍ରହ

**କୋଣାର୍କ,(ଡି.ଏନ୍.ଏ.):** କୋଣାର୍କ ଥାନାସ୍ଥିତ ପୋଲିସ ବାରାକ ପରିସରରେ ଆମ ପୋଲିସ ସମିତି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର ଶୁଭାରମ୍ଭ କରିଥିଲେ। ୫୧ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ ଓ ଛାତ୍ରୀଛାତ୍ର ଯୋଗଦେଇ ସମାଜର ନିରାଶ୍ରୟ ଅସହାୟ ବର୍ଗର ଲୋକଙ୍କୁ ଜୀବନ ଦାନ ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ପୁରୀ ସଦର ମହକୁମା ହସ୍ପିଟାଲସ୍ଥିତ ଆଚାର୍ଯ୍ୟ ହରିହର ରେଡ୍‌କ୍ରସ୍ ରକ୍ତଭଣ୍ଡାରର ଡାକ୍ତର ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଏହି ଶିବିରରେ ୫୨ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଥାନାଧିକାରୀ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

### ସଂକ୍ଷେପରେ

## କାର୍ଯ୍ୟରେ ଯୋଗଦେଲେ ପରିବହନ କମିଶନର ଅରୁଣ ବୋଥ୍ରା

**କଟକ ଅଫିସ, ୨୮।୬:** ରାଜ୍ୟ ପରିବହନ ବିଭାଗର କମିଶନର ଭାବେ ଆଇପିଏସ୍ ଅଫିସର ଅରୁଣ ବୋଥ୍ରା ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ରବିବାର ସେ ବିଧିବଦ୍ଧ ଭାବେ କଟକ ପରିବହନ ବିଭାଗ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୯୬ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ରାଜ୍ୟ ସରକାର ବିଭିନ୍ନ ସମୟରେ ଦେଇଥିବା ଦାୟିତ୍ୱ ସୁଚାରୁରୂପେ ତୁଲାଇ ଆସିଛନ୍ତି। ୧୯୯୯ରେ ବୋଥ୍ରା କଟକରେ ଏଏସ୍‌ପି ଭାବେ ଦାୟିତ୍ୱ ନେଇଥିଲେ। ପରେ ସେ କେନ୍ଦ୍ରାପଡ଼ା ଓ କୋରାପୁଟରେ ଏସ୍‌ପି ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିସହ ଡିଆଇଜି ଓ ରେଲୱେ ଆଇଜି ଭାବେ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଥିଲେ। ନୟାଗଡ଼ ପରୀ ହତ୍ୟାକାଣ୍ଡର ତଦନ୍ତ ପାଇଁ ଗଠନ ହୋଇଥିବା ଏସ୍‌ଆଇଟିର ସେ ମୁଖ୍ୟ ରହିଥିବାବେଳେ ୨୦୨୦ରେ ଓଏସ୍‌ଆରଟିସିର ସିଏମ୍‌ଡି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

## ଶିକ୍ଷକଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା ଦାବି

**ଖୋର୍ଦ୍ଧା ଅଫିସ,୨୮।୬:** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ଖୋର୍ଦ୍ଧା ବ୍ଲକ ପକ୍ଷରୁ ଶିକ୍ଷକଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା ଓ ଟିକାକରଣ ଲାଗି ସୋମବାର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷାଦାନ ସହ ଶିକ୍ଷକମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ସହଯୋଗ କରୁଛନ୍ତି। କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ କୋଭିଡ୍ ନିୟନ୍ତ୍ରଣରେ ସହଯୋଗ କରୁଛନ୍ତି। କରୋନା ସମୟରେ ପିଲାଙ୍କ ଅନ୍‌ଲାଇନ ପାଠପଢ଼ା ଦିଗରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଘର ଘର ବୁଲି ପିଲାଙ୍କ ପାଠପଢ଼ା ସମ୍ପର୍କରେ ପଚାରି ବୁଝୁଛନ୍ତି। ଶିକ୍ଷାବର୍ଷ ଆରମ୍ଭରେ ନାମଲେଖା, ପୁସ୍ତକ ବଣ୍ଟନ ଆଦି କାର୍ଯ୍ୟ କରି ଆସୁଛନ୍ତି। ତେଣୁ ରାଜ୍ୟ ସରକାର ସମସ୍ତ ଶିକ୍ଷକଙ୍କୁ ତୁରନ୍ତ କୋଭିଡ୍ ଯୋଦ୍ଧା ଭାବେ ଘୋଷାଣା କରିବା ଓ ଏମାନଙ୍କୁ ପ୍ରାଥମିକତା ଭିତ୍ତିରେ ଟିକା ଦେବା ପାଇଁ ଦାବିରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ଯୁଧିଷ୍ଠିର ସାହୁ, ସମ୍ପାଦକ ଅମିୟ ପରିଡ଼ା, ସୁରେଶ ଚନ୍ଦ୍ର ବିଶ୍ୱାଳ, ସୁକାନ୍ତି ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ/ନିରାକାରପୁର, ୨୮।୬(ଡି.ଏନ୍.ଏ.):** ନୟାଗଡ଼ ଅବକାରୀ କାର୍ଯ୍ୟାଳୟକୁ ଖବର ସଂଗ୍ରହ କରିବାକୁ ଯାଇଥିବା ୨ ଜଣ ଖବରଦାତାଙ୍କୁ ଏସ୍‌ଆଇଙ୍କ ଦୁର୍ବ୍ୟବହାର ଏବଂ ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହାର ପ୍ରତିବାଦରେ ସମନ୍ୱିତ କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲ୍ୟୁଜେ) ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆକ୍ରମଣକାରୀ ଏସ୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପୋଲିସ ପ୍ରଶାସନ ତାଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ ଲାଗି ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିପରି ଟାଙ୍ଗୀ ମିଡିଆ ସଂଘ ଓ ନିରାକାରପୁର ସଂଘ ପକ୍ଷରୁ ଖବରଦାତାଙ୍କୁ ଏସ୍‌ଆଇଙ୍କ ଆକ୍ରମଣ ଘଟଣାକୁ ନିନ୍ଦା କରାଯାଇଛି। ସମ୍ପୃକ୍ତ ଅଧିକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ବୈଠକରେ ନିରାକାରପୁର, ଟାଙ୍ଗୀ, ବୋଲଗଡ଼, ଚିଲିକା ଓ ବାଲୁଗାଁର ଖବରଦାତାମାନେ ଯୋଗ ଦେଇଥିଲେ।

## ବୃକ୍ଷର ଉପାଦେୟତା ସମ୍ପର୍କରେ ପିଲାଙ୍କୁ ବୁଝାଅ



**ଖୋର୍ଦ୍ଧା ଅଫିସ,୨୮।୬:** ଖୋର୍ଦ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଯୋଗଦେଇ ଚାରାରୋପଣ କରିଥିଲେ। ଶିକ୍ଷୟିତ୍ରୀ ବାସନ୍ତୀ ସାହୁ, ଶିକ୍ଷକ ଅଗାଧୁ ସେଠୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରକୁ ସବୁଜ ବନାନୀ, ବୃକ୍ଷର ଉପାଦେୟତା ନେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେବାକୁ ସାହୁ କହିଥିଲେ। ଶିକ୍ଷକ ସେଠୀ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ୩ ରାଇସ ମିଲ୍ ଉପରେ ୫ କୋଟି ବାକି

- ୮ବର୍ଷ ବିତିଲାଣି, ଆଦାୟ ହୋଇପାରିନି
- ଚିଠି ଲେଖି ଚୁପ୍ ବସିଛି ଯୋଗାଣ ବିଭାଗ
- ମିଲ୍‌ର ଅସ୍ତିତ୍ୱ ନାହିଁ, ପଛରେ ମଧୁଚନ୍ଦ୍ରିକା

**ଖୋର୍ଦ୍ଧା ଅଫିସ,୨୮।୬**

ଖୋର୍ଦ୍ଧା ଜିଲାର ୩ ରାଇସ ମିଲ୍ ମାଲିକ ଧାନ ବାବଦକୁ ଚାଉଳ ନ ଦେଇ ୫କୋଟି ଟଙ୍କା ଆତ୍ମସାତ କରି ଫେରାର ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଛି। ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ଅବହେଳାରୁ ଗତ ୮ବର୍ଷ ହେବ ଏହି ଟଙ୍କା ଆଦାୟ ହୋଇପାରି ନ ଥିବା ଜଣାପଡିଛି। ଜିଲା ଯୋଗାଣ ବିଭାଗ ଉପରିସ୍ଥ ଅଧିକାରୀଙ୍କୁ ଟଙ୍କା ଆଦାୟ ଲାଗି ଚିଠି ଖଣ୍ଡେ ଲେଖି ନିଜ ଉପରୁ ଦୋଷ ଖସାଇ ଦେଇଛି। ତେବେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଏହି ଟଙ୍କା ଆଦାୟ ହୋଇପାରୁନାହିଁ। ଅନ୍ୟପଟେ ଏହି ମିଲ୍‌ଗୁଡିକର ଅସ୍ତିତ୍ୱ ନ ଥିବା ଜଣାପଡିଛି। ଫଳରେ ସରକାର ୫ କୋଟି ଟଙ୍କା ହରାଇବେ। ଜିଲା ଯୋଗାଣ ବିଭାଗର କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ମୁତାବକ, ଖରିଫ ଧାନ କିଣିବା ଲାଗି ପ୍ରଶାସନ ପକ୍ଷରୁ ହୋଇଥିବା ଟେଣ୍ଡର ମାଧ୍ୟମରେ କେତେଜଣ ମିଲ୍ ମାଲିକ ସାମିଲ ହୋଇଥାନ୍ତି। ଧାନ ବାବଦକୁ ଚାଉଳ ଯୋଗାଣ ବିଭାଗକୁ ହସ୍ତାନ୍ତର କରିଥାନ୍ତି। ଖୋର୍ଦ୍ଧା ଜିଲାର ୩ ମିଲ୍‌ର ମାଲିକ ଧାନ ବାବଦକୁ ଚାଉଳ ନ ଦେଇ ଫେରାର ହୋଇଯାଇଛନ୍ତି। ଏ ବାବଦକୁ ମିଲ୍ ମାଲିକଙ୍କ ଉପରେ ୫ କୋଟି ଟଙ୍କା ବାକି ରହିଛି। ସାରୁଅଠାରେ ଥିବା କଳିଙ୍ଗ ରାଇସମିଲ୍‌୨୦୧୨-୧୩ ଖରିଫ ଋତୁରେ ଚାଉଳ ବାବଦକୁ ୩ କୋଟି ୩ ଲକ୍ଷ ୨୧ହଜାର୨୮୨ଟଙ୍କା ବକେୟା ରହିଛି। ଏହି ମିଲ୍ ଏବେ ମାଟିରେ ମିଶିବାକୁ ବସିଛି। ଚାରିପଟେ ଲଟାବୁଦା ମାଡ଼ିଗଲାଣି। ସେହିପରି ଜଙ୍କିଆ ସ୍ଥିତ ମା'ବଜରଙ୍ଗୀ ରାଇସ ମିଲ୍‌ର କୌଣସି ଅସ୍ତିତ୍ୱ ନାହିଁ। ଏହି ମିଲ କେଉଁଠି ରହିଛି, ତା'ର ସନ୍ଧାନ ମିଳୁନାହିଁ। ଏହି ମିଲ୍ ମାଲିକଙ୍କ ଉପରେ ୨୦୧୨-୧୩ ଲାଗି ୬୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବାକି ରହିଛି। ବେଗୁନିଆ ମା' ମଙ୍ଗଳା ଡାଲ ଆଣ୍ଡ ରାଇସ ମିଲ ବନ୍ଦ ହୋଇପଡିଛି। ମିଲ୍‌କୁ ଯିବା ଲାଗି ରାସ୍ତା ନାହିଁ। ଏହି ମିଲ୍ ଉପରେ ୨୦୧୩-୧୪ ଖରିଫ ଋତୁରେ ୧କୋଟି ୧୫ଲକ୍ଷ୨୦ହଜାର ୭୫୨ ଟଙ୍କା ବାକି ରହିଛି। ଏହିପରି ୩ଟି ରାଇସ ମିଲ୍ ମାଲିକ ୫କୋଟି ଟଙ୍କା ହେରଫେର କରିଛନ୍ତି। ଯୋଗାଣ ବିଭାଗ ନିକଟରେ ଏମାନଙ୍କ ସମ୍ପର୍କରେ କୌଣସି ତଥ୍ୟ ନାହିଁ। ଏହି ମିଲ୍ ବନ୍ଦ ହୋଇଗଲାଣି କିମ୍ବା ମାଲିକମାନେ ନିଜ ମିଲ୍ ନାମ ପରିବର୍ତ୍ତନ କରିଦେଇଛନ୍ତି। ତେବେ ଏହି ମିଲ୍ ମାଲିକଙ୍କ ଠାରୁ ଏତେ ଟଙ୍କା ଆଦାୟ ନ ହେବା ପଛରେ ଯୋଗାଣ ବିଭାଗର କେତେଜଣ ଅସାଧୁ କର୍ମଚାରୀଙ୍କ ହାତ ରହିଥିବା ଚର୍ଚ୍ଚା ହେଉଛି। ଚିଠି ପରେ ଚିଠି ଲେଖାଯାଉଥିଲେ ମଧ୍ୟ ଫଳ ଶୂନ। ୨୦୧୯ ଅଗଷ୍ଟରେ ଜିଲା ଯୋଗାଣ ଅଧିକାରୀ ସମ୍ପୃକ୍ତ ମିଲ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ ଯୋଗାଣ ନିଗମ ମହାପ୍ରବନ୍ଧକଙ୍କ ନିକଟକୁ ଚିଠି ଲେଖିଥିବା ଜଣାପଡିଛି। ଏନେଇ ଜିଲା ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ କହିଛନ୍ତି, ବିଭାଗୀୟ ତଦନ୍ତ ଜାରି ରହିଛି। କାର୍ଯ୍ୟାନୁଷ୍ଠାନ ଲାଗି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଅନ୍ୟପଟେ ଘଟଣାର ଅନୁଧ୍ୟାନ କରାଯାଉଛି ବୋଲି ରାଜ୍ୟ ଯୋଗାଣ ନିଗମ ଏମ୍‌ଡି ବି.କେ. ଦାସ କହିଛନ୍ତି।

# କମ୍ପ୍ୟୁଟର ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦାବି



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଜିଲା କମ୍ପ୍ୟୁଟର ଶିକ୍ଷକ ସଂଘର କର୍ମକର୍ତ୍ତାମାନେ।

**ଖୋର୍ଦ୍ଧା ଅଫିସ,୨୮।୬**

ଛଟେଇ କମ୍ପ୍ୟୁଟର ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦାବିରେ ଖୋର୍ଦ୍ଧା ଜିଲା କମ୍ପ୍ୟୁଟର ଶିକ୍ଷକ ସଂଘ ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଖୋର୍ଦ୍ଧା ଜିଲାର ୧୭୯ ସରକାରୀ ବିଦ୍ୟାଳୟରୁ ଛଟେଇ ହୋଇଥିବା କମ୍ପ୍ୟୁଟର ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଲାଗି ସଂଘ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ନିମନ୍ତେ ଆଇସିଟି(ଇ-ବିଦ୍ୟାଳୟ) ଯୋଜନାରେ ୫ବର୍ଷ ଧରି କାର୍ଯ୍ୟ କରିବା ପରେ ଛଟେଇ କରି ଦିଆଯାଇଥିଲା। କୋଭିଡ୍‌କୁ ଦୃଷ୍ଟିରେ ରଖି ଛଟେଇ ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ସରକାର ବର୍ତ୍ତମାନ ୟୁଟ୍ୟୁବ୍ ଲାଇଭ୍ ଷ୍ଟ୍ରିମ ଯୋଜନାରେ ପିଲାଙ୍କ ଅନ୍‌ଲାଇନ ପାଠପଢ଼ା ଆରମ୍ଭ କରିଛନ୍ତି। ଛଟେଇ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ଏହି କାର୍ଯ୍ୟରେ ସାମିଲ କରାଗଲେ ବହୁ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

## ଜାଲ୍ ପ୍ରମାଣପତ୍ରରେ ସରକାରୀ ଚାକିରି

**ଖୋର୍ଦ୍ଧା ଅଫିସ,୨୮।୬**

ବୟସ ପ୍ରମାଣପତ୍ରରେ ଜାଲ ସାର୍ଟିଫିକେଟ ଦେଇ ଜଣେ ବ୍ୟକ୍ତି ସମବାୟ ବ୍ୟାଙ୍କରେ ଦୀର୍ଘଦିନ ହେବ କାର୍ଯ୍ୟ କରୁଛନ୍ତି। ଏଥିସହ ଗତ ୬ବର୍ଷ ହେବ ଚାକିରି ଅବଧି ସରିଥିବା ସତ୍ତ୍ୱେ ସରକାରୀ ଅର୍ଥ ତୋସରପାତ କରୁଛନ୍ତି। ଏପରିକି ଋଣ କରାଇ ଦେବା ଆଳରେ ଗ୍ରାହକଙ୍କଠାରୁ ଲାଞ୍ଚ ନେଉଛନ୍ତି। ବହୁ ବ୍ୟକ୍ତିଙ୍କ ନାମରେ ଋଣ କରି ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଛନ୍ତି। ଏଭଳି ଅଭିଯୋଗ ଆସିଛି ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତର ଦେଉଳି ମିନି ବ୍ୟାଙ୍କରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ବିରୋଧରେ। ଘଟଣାର ତଦନ୍ତ ଲାଗି କେତେଜଣ ଗ୍ରାମବାସୀ ସେଣ୍ଟ୍ରାଲ କୋଅପରେଟିଭ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀ, ୫ଟି ସଚିବ, ଖୋର୍ଦ୍ଧା ଜିଲାପାଳ ଏବଂ ଖୋର୍ଦ୍ଧା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତିଙ୍କ ନିକଟକୁ ପଠାଇଛନ୍ତି। ମାଟ୍ରିକ ସାର୍ଟିଫିକେଟ ଅନୁସାରେ ତାଙ୍କ ଜନ୍ମ ତାରିଖ ୧୯।୫।୧୯୫୫ ଉଲ୍ଲେଖ ରହିଥିବା ଦାବିପତ୍ରରେ ଉଲ୍ଲେଖ ରହିଛି।

## ପ୍ରାଣୀ ଚିକିତ୍ସା ଶିବିର

**କୃଷ୍ଣପ୍ରସାଦ,୨୮।୬(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଦଳବେହେରା ସାହି ଗ୍ରାମରେ ସୋମବାର ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ପକ୍ଷରୁ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରମୋଦ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ କୃଷ୍ଣପ୍ରସାଦ ବ୍ଲକ ପ୍ରାଣୀ ଚିକିତ୍ସକ ଡା.ଦୟାନିଧି ବେହେରା ଏକ ଟିମ୍ ସହ ୨୦୦ରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ବଣ୍ଟନ କରିଥିଲେ। ପାରିକୁଦ ବନପାଳ ଜିତେନ୍ଦ୍ରିୟ ଜେନା, ବନରକ୍ଷୀ ସୁଜିତ ବେହେରା, ନିରଞ୍ଜନ ମହାରଣା, ସନ୍ତୋଷ ସେଠୀ, ଭିକାରୀ ପଲେଇ, ରବୀନ୍ଦ୍ର ଜେନା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଟିକା ନ ଥିବାରୁ ଫେରିଗଲେ

**ଝାଁଳା,୨୮।୬(ଡି.ଏନ୍.ଏ.)**



ଟିକା ପାଇଁ ଲୋକେ ଧାଡ଼ିରେ ଛିଡା ହୋଇଛନ୍ତି।

କରୋନା ସଂକ୍ରମଣ ରୋକିବା ଲାଗି ରାଜ୍ୟରେ ଟିକାକରଣ ଜାରି ରହିଛି। ସୋମବାର ଖୋର୍ଦ୍ଧା ଜିଲା ଝାଁଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନ ଦିଆଯିବାରୁ ଲୋକେ ଦୀର୍ଘ ସମୟ ଧରି ଅପେକ୍ଷା କରି ଫେରିଯାଇଥିଲେ। ଏନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ମୁତାବକ, ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଟିକା ନେବା ପାଇଁ ଝାଁଳା, ମଦନପୁର, ଛତାବର, ଗଙ୍ଗପଡ଼ା, ଅଙ୍ଗାରପଡ଼ା, ନଁପୁଟ, ବ୍ରହ୍ମକୁଣ୍ଡଳ ଆଦି ପଞ୍ଚାୟତର ଲୋକେ ଆସିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ନେଇ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଉ ନାହିଁ। ଏଥିସହ କେଉଁ ଦିନ ଟିକାକରଣ ବନ୍ଦ ରହିବ ସେ ନେଇ ମଧ୍ୟ ଲୋକଙ୍କୁ ଅବଗତ କରାଯାଉ ନାହିଁ। ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ବନ୍ଦ ରହିଥିଲା। ସୋମବାର ସକାଳ ୭ଟାରୁ ଲୋକେ ଟିକା ନେବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଟିକା ନ ଥିବା ଜଣାପଡ଼ିବା ପରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ ମଧ୍ୟ ଲୋକେ ଟିକା ନେବାରୁ ବଞ୍ଚିତ ହୋଇଥିଲେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ୨୦୦ ଚାଷୀ କ୍ଷତିପୂରଣରୁ ବଞ୍ଚିତ

**ଖୋର୍ଦ୍ଧା ଅଫିସ,୨୮।୬**

ମହାନଦୀରେ ବନ୍ୟା ଯୋଗୁ ୨୦୨୦ ମସିହାରେ ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅନ୍ତର୍ଗତ ବାଘମାରୀ ଆରଆଇ ଅଧୀନ ସାରୁଅ, ଅତ୍ରି, ବାଘମାରୀ ଗ୍ରାମର ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ଚାଷଜମିରେ ପାଣି ମାଡ଼ିଯିବା ସହ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ଲାଗି ପ୍ରଶାସନ ସ୍ତରରେ ଘୋଷଣା ହୋଇଥିଲା। ୮୦୦ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯାଇଥିବା ବେଳେ ବଳକା ୨୦୦ ଚାଷୀ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ତେବେ ବଞ୍ଚିତ ଚାଷୀମାନେ ପୁଣି ଆରଆଇଙ୍କ ନିକଟରେ ବ୍ୟାଙ୍କ ପାସ୍‌ବୁକ, ଆଧାରକାର୍ଡ ଜେରକ୍ସ ଗତ ଫେବୃୟାରୀରୁ ଦାଖଲ କରିଥିଲେ। ୩ମାସ ବିତି ଯାଇଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଥିବା ନେଇ ଚାଷୀ ବିଜୟ କୁମାର ସେନାପତି, ଶତ୍ରୁଘ୍ନ ନାୟକ, ପ୍ରଦୀପ ସେନାପତି ପ୍ରମୁଖ କହିଛନ୍ତି। ଆରଆଇଙ୍କଠାରୁ ସ୍ଥାନୀୟ ପ୍ରଶାସନ ଏବଂ ଜିଲା ପ୍ରଶାସନ ନିକଟକୁ ଚାଷୀ ବାରମ୍ବାର ଦୌଡୁଛନ୍ତି। କେବଳ ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟକାରୀ ହେଉନାହିଁ ବୋଲି ଚାଷୀମାନେ କହିଛନ୍ତି। ଏବେ ପୁଣି ଆଗକୁ ବର୍ଷାଋତୁରେ ମହାନଦୀ ଫୁଲିଲେ ଏହି ଗ୍ରାମଗୁଡ଼ିକର ଚାଷୀ କ୍ଷତିଗ୍ରସ୍ତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ ଲାଗି ଦାବି ହୋଇଛି।

## ବୀମାରାଶି ପ୍ରଦାନ ଦାବି

**ଖୋର୍ଦ୍ଧା ଅଫିସ,୨୮।୬**



ବନ୍ୟାରେ କ୍ଷତିଗ୍ରସ୍ତ ଖୋର୍ଦ୍ଧା ବ୍ଲକ ବ୍ରଜମୋହନପୁର ପଞ୍ଚାୟତର ଏକାଧିକ ଚାଷୀ ସୋମବାର ଜିଲାପାଳଙ୍କୁ ଭେଟି ଆର୍ଥିକ ସହାୟତା ଦାବି କରିଛନ୍ତି। ବନ୍ୟାରେ ଦୟାନଦୀର ତିରିମଲଠାରେ ଏକ ଘାଇ ସୃଷ୍ଟି ହୋଇଥିଲା। ଫଳରେ ଏହି ପଞ୍ଚାୟତର ଶତାଧିକ ଚାଷୀଙ୍କ ଚାଷଜମିରେ ପାଣି ମାଡ଼ିଯିବା ସହ ଏକର ଏକର ଫସଲ ନଷ୍ଟ ହୋଇଥିଲା। ଏପରିକି ଗ୍ରାମରେ ମଧ୍ୟ ପାଣି ମାଡ଼ିଯିବାରୁ ଗ୍ରାମବାସୀ ଅସ୍ଥାୟୀ ଆଶ୍ରୟସ୍ଥଳିରେ ରହିଥିଲେ। ପ୍ରଶାସନ ପକ୍ଷରୁ ରିଲିଫ୍ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ୮୦୦ ଟଙ୍କା ଆର୍ଥିକ ସହାୟତା ମିଳିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରୁ କୌଣସି ସହାୟତା ଦିଆଯାଇ ନାହିଁ। ବୀମା ଯୋଜନା ଅର୍ଥ ପ୍ରଦାନ ଲାଗି ଗ୍ରାମର ଦଣ୍ଡପାଣି ବରାଳ, ବିଦ୍ୟାଧର ଚମ୍ପତି, ସନ୍ତୋଷ ପ୍ରଧାନ, ଯୁଧିଷ୍ଠିର ପ୍ରଧାନ, ଗୌରାଙ୍ଗ ମହାନ୍ତି, ଅରୁଣ ନାୟକ, ବିଦ୍ୟାଧର ମହାପାତ୍ର, କୁଳମଣି ମହାପାତ୍ର ପ୍ରମୁଖ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ସୁନୀ



@ ଶ୍ରୀକାନ୍ତ



@ ସ୍ୱାଧୀନ



@ ଦୀପୁ



@ ଭାଗ୍ୟଦତ୍ତ



@ କଂଗ୍ରେସ



@ ଅନାମିକା

## ଚାଷୀଙ୍କ ଟଙ୍କା ହରିଲୁଟ୍ ଅଭିଯୋଗ

- ଡାବରଧୁଆ ପାଟଣା ସେବା ସମବାୟ ସମିତି
- ବିଭାଗୀୟ ଅଧିକାରୀଙ୍କ ତଦନ୍ତ ଆରମ୍ଭ

**ବୋଲଗଡ଼,୨୮।୬(ଡି.ଏନ୍.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ସହାୟତା ପାଇଁ ସେବା ସମବାୟ ସମିତି ମାଧ୍ୟମରେ କୋଟି କୋଟି ଟଙ୍କା ଯୋଗାଇ ଦେଇଛନ୍ତି। କୃଷିଜାତୀୟ ଦ୍ରବ୍ୟ କ୍ରୟ ଓ ବିକ୍ରୟ, ସହଜ କିସ୍ତିରେ ଋଣ ପ୍ରଦାନ ଓ ବୀମା ଯୋଜନା ଚାଷୀଙ୍କ ନିକଟରେ କିପରି ପହଞ୍ଚିପାରିବ ସେଥିଲାଗି ସେବା ସମବାୟ ସମିତି ରହିଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଧୀନ ଡାବରଧୁଆ ପାଟଣା ସେବା ସମିତି ଅଧୀନରେ ଥିବା ଚାଷୀଙ୍କ ଟଙ୍କା ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସହ ନିବନ୍ଧକ ସମବାୟ ସମିତି ସମୂହ, ଖୋର୍ଦ୍ଧା ସର୍କଲ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗ ମୁତାବକ, ଫସଲ ବୀମା ଯୋଜନା ଓ ଧାନ ବିକ୍ରି ପାଇଁ ଚାଷୀମାନେ ନିଜ ଜମିର କାଗଜପତ୍ର ସେବା ସମବାୟ ସମିତିରେ ଦାଖଲ କରିଥା'ନ୍ତି। ମାତ୍ର ଉକ୍ତ ଜମିର କାଗଜପତ୍ର ଚଞ୍ଚକତା କରାଯାଇ ସମବାୟ କର୍ମଚାରୀମାନେ ନିଜର ତଥା ପରିବାର ସଦସ୍ୟଙ୍କ ନାମରେ ମିଥ୍ୟା ରେକର୍ଡ କରି ସରକାରୀ ସୁବିଧାକୁ ହାତେଇ ନେଇ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଚାଷୀ ଦାଶରଥି ମହାପାତ୍ର, ରବୀନ୍ଦ୍ର ସାହୁ, ସୋମେଶ ଦତ୍ତ, ବିଶ୍ୱଜିତ୍ ରାଉତ, ପ୍ରଫୁଲ୍ଲ ମହାରଥା, ନକୁଳ ମହାରଥା ପ୍ରମୁଖ କହିଛନ୍ତି। ଫସଲ ବୀମା ଅର୍ଥ ହିତାଧିକାରୀଙ୍କ ଜମାଖାତାକୁ ଆକଳନ ଅନୁଯାୟୀ କମ୍ ଆସିବା ପରେ ଚାଷୀଙ୍କ ସନ୍ଦେହ ହୋଇଥିଲା। ଏନେଇ ଚାଷୀମାନେ ସେବା ସମବାୟ ସମିତି ଆଗରେ ଆନ୍ଦୋଳନ କରିବା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀ ଉକ୍ତ ସମବାୟ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ସମିତି ସମ୍ପାଦକ ବୈକୁଣ୍ଠ ବିହାରୀ ସାହୁ କହିଛନ୍ତି, ଚାଷୀଙ୍କ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଛି।